ଭାରତୀୟ ଜନତା ପାର୍ଟି, ଓଡିଶା

ରାଫେଲ କିଣାକୁ ନେଇ କଂଗ୍ରେସର ମହାମିଛ ଖୁଲାସା ହେବା ପ୍ରସଙ୍ଗରେ

# ଆସନ୍ତାକାଲି ଗୁଜୁରାଟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ରୂପାନୀ ରାଜ୍ୟବାସୀଙ୍କ ଆଗରେ ରାଫେଲ କିଣାକୁ ନେଇ କଂଗ୍ରେସ ମହାମିଛର ଖୁଲାସା କରିବେ

- ଆସନ୍ତା କାଲି ଭୁବନେଶ୍ୱର ମେ ଫେୟାର କନଭେନସନରେ ଅନୁଷ୍ଠିତ ହେବ ସାମ୍ବାଦିକ ସମ୍ମିଳନୀ
- ଶ୍ରୀ ରୂପାନୀ ରାଜ୍ୟବାସୀଙ୍କ ଆଗରେ ରାଫେଲ ସମ୍ବନ୍ଧୀୟ ତଥ୍ୟ ରଖିବେ

**ଭୁବନେଶ୍ୱର, ତା.୧୬/୧୨:** ରାଫେଲ ବିମାନ କିଣାକୁ ନେଇ ମାନ୍ୟବର ସୁପ୍ରିମକୋର୍ଟ କଂଗ୍ରେସର ମହାମିଛ ଖୁଲାସା ହୋଇଛି । ଆସନ୍ତାକାଲି ଗୁଜୁରାଟ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୟ ରୂପାନୀ ରାଜ୍ୟବାସୀଙ୍କ ଆଗରେ ରାଫେଲ କିଣାକୁ ନେଇ କଂଗ୍ରେସ ମହାମିଛର ଖୁଲାସା କରିବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

ରାଫେଲ ବିମାନ କିଣାରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି  ମାନ୍ୟବର ସୁପ୍ରିମକୋର୍ଟ କହିବା ପରେ ଶ୍ରୀ ରୂପାନୀ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ରାଜ୍ୟବାସୀଙ୍କ ଆଗରେ ରାଫେଲ ସମ୍ବନ୍ଧୀୟ ତଥ୍ୟ ରଖିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀ ଆସନ୍ତାକାଲି ଭୁବନେଶ୍ୱରର ମେ ଫେୟାର କନଭେନସନରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**